# Akashvani, Sambalpur

## SAMBALPURI NEWS EVENING BULLETIN

## 15 November 2025- 7.02 pm- 7.12 pm.

*********************************************

୧- ହଜାର୍ ହଜାର୍ ବଛର୍ ଧରିକରି ଆଦିବାସୀଙ୍କର୍ ଗର୍ବ - ଭାରତୀୟ ଚେତନାର୍ ପ୍ରମୁଖ ଅଂଗ ହେଇଆସିଛେ- କହେଲେ ପ୍ରଧାନ୍‌ମନ୍ତ୍ରୀ ।

- କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ୍ ନ ୬ ଟା ବହୁମୁଖୀ କେନ୍ଦ୍ରର୍ କଲେ ଉଦ୍‌ଘାଟନ୍ ।

୨- ଭଗବାନ ବିର୍ସାମୁଣ୍ଡାଙ୍କର୍ ବିପ୍ଲବ୍ ସ୍ୱାଧୀନତା ସଂଗ୍ରାମ୍ ଇତିହାସ୍‌ଥି ଗୁଟେ ଖାସ୍ ଫରଦ୍ ଜୁଡ଼ିଥିଲା କହେଲେ ମୁଖ୍ୟମନ୍ତ୍ରୀ ।

୩- ରାଏଜେ ୪ ହଜାର୍ ୪ ଶହ ୩୩ ଟା ନୂଆଁ ନର୍ସିଂ ଅଧିକାରୀ ପଦ୍ ସୃଷ୍ଟି କଲେ ସର୍‌କାର୍ ।

ଆଉର୍

୪- ହୀରାକୁଦ୍ ସହେତେ ରାଜ୍ୟର୍ ୬ ଟା ଜାଗା ନ ଆଏଜ୍‌ଠାନୁ ମୁଲ୍ ହେଲା ଇକୋ ରିଟ୍ରିଟ୍ ।

ପ୍ରଧାନ୍‌ମନ୍ତ୍ରୀ- ଜନଜାତୀୟ ଗୌରବ୍ ଦିବସ୍/ଏନ୍‌ଏସ୍‌ଡି/କଲାହାଣ୍ଡି

ହଜାର୍ ହଜାର୍ ବଛର୍ ଧରିକରି ଆଦିବାସୀଙ୍କ ଗର୍ବ - ଭାରତୀୟ ଚେତନାର୍ ଗୁଟେ ପ୍ରମୁଖ ଅଂଗ ହେଇଆସିଛେ ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ଗୁଜୁରାଟ୍‌ର ନର୍ମଦା ଜିଲ୍ଲା ଦେଦିଆପଦା ନ ଭଗବାନ ବିର୍ସାମୁଣ୍ଡାଙ୍କର୍ ଶହେ ୫୦ ବଛର୍ ଜୟନ୍ତୀ ସମାରୋହ ଧର୍‌ତୀ ଆବା ଜନଜାତୀୟ ଗୌରବ୍ ଦିବସ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ପ୍ରଧାନ୍‌ମନ୍ତ୍ରୀ ଇଟା କହିଛନ୍ ।

(ଭଏସ୍ ଓଭର୍- ପ୍ରଧାନ୍‌ମନ୍ତ୍ରୀ)

ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ଦେଶର୍ ଜନଜାତିମାନ୍‌କର୍ ଭିତିଭୂମି, ସ୍ୱାସ୍ଥ୍ୟ, ଶିକ୍ଷା ବାଗିର୍ ଭିନ୍ ଭିନ୍ କ୍ଷେତ୍ରର୍ ବିକାଶ୍ ଲାଗି ୯ ହଜାର୍ ୭ ଶହ କୋଟି ଟଙ୍କାର୍ ବହୁତ୍‌ଟେ ପ୍ରକଳ୍ପର୍ ଲୋକାର୍ପଣ୍ ଆଉ ଭିତିପ୍ରସ୍ତର୍ ଥାପ୍‌ନା କରିଛନ୍ ।

ଇତାର୍‌ସହେତେ ଓଡ଼ିଶାର୍ କଲାହାଣ୍ଡି ଜିଲ୍ଲାର୍ ଆଦିବାସୀ ଅଧ୍ୟୁଷିତ ଲାଞ୍ଜିଗଡ଼୍ ବ୍ଲକ୍ ନ ୬ ଟା ବହୁମୁଖୀ କେନ୍ଦ୍ରକେ ପ୍ରଧାନ୍‌ମନ୍ତ୍ରୀ ଆଭାସୀ ଜରିଏ ଉଦ୍‌ଘାଟନ୍ କରିଛନ୍ । ସେନ୍ତା ପ୍ରଧାନ୍‌ମନ୍ତ୍ରୀ ପିଏମ୍ ଜନ୍‌ମନ୍ ଆଉ ଅଲ୍‌ଗା ଯୋଜ୍‌ନାଥି ଲାଖେ ପରିବାର୍‌କେ ପକ୍କା ଘର୍ ବାଂଟ୍‌ବାର୍ ସହେତେ

ବହୁତ୍‌ଟେ ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ଆଉ ଆଶ୍ରମ୍ ବିଦ୍ୟାଳୟର୍ ଭିଲ୍ ଉଦ୍‌ଘାଟନ୍ କରିଛନ୍ ।

ଭଗବାନ୍ ବିର୍ସାମୁଣ୍ଡା ଜୟନ୍ତୀ/ଏନ୍‌ଏସ୍‌ଡି/ଆର୍‌ଏନ୍‌ୟୁ/ ସମ୍ବଲପୁର

ଭଗବାନ୍ ବିର୍ସାମୁଣ୍ଡାଙ୍କର୍ ଶହେ ୫୦ ତମ ଜୟନ୍ତୀକେ ଆଏଜ୍ ସାରା ଦେଶେ ଜନଜାତୀୟ ଗୌରବ୍ ଦିବସ୍ ଭାବେ ପାଲନ୍ କରାଯାଉଛେ । ଭଗବାନ ବିର୍ସାମୁଣ୍ଡା ଭାରତୀୟ ସ୍ୱାଧୀନତା ଆନ୍ଦୋଲନ୍ ଇତିହାସ୍‌ଥି ଝନେ ଅସାଧାରଣ୍ ଆଉ ପ୍ରମୁଖ ବ୍ୟକ୍ତିତ୍ୱ ଥିଲେ ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସାମାଜିକ୍ ଗଣମାଧ୍ୟମ୍‌ଥି ଭଗବାନ୍ ବିର୍ସାମୁଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି ଜନେଇକରି ତାଙ୍କର୍ ମାଟିର ପ୍ରତିଭାବାନ୍ ଆଉ ପରିଶ୍ରମୀ ଲୁକେ ଆଏଜ୍ ରାଜ୍ୟ ସହେତେ ସାରାଦେଶର୍ ଗୌରବ୍ ବଢ଼େଇଛନ୍ ବଲି କହିଛନ୍ ।

ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁଭେଚ୍ଛା ଜନେଇକରି ବିଦେଶୀ ଶାସନ୍ ବିରୋଧିଥି ଭଗବାନ୍ ବିର୍ସାମୁଣ୍ଡାଙ୍କର୍ ସଂଘର୍ଷ ଆଉ ବଳିଦାନ୍ ସମ୍‌କୁ ପ୍ରେରଣା ଦେଇ ଆସୁଛେ ବଲି ସାମାଜିକ୍ ଗଣମାଧ୍ୟମ୍ ବାର୍ତାଥି କହିଛନ୍ ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ବିଧାନ୍‌ସଭା ପରିସର୍ ନ ଥିବା ବିର୍ସାମୁଣ୍ଡାଙ୍କର୍ ପ୍ରତିମୂର୍ତିଥି ଆଏଜ୍ ସଖାଲ୍‌ବେଲା

ଫୁଲ୍‌ମାଲା ଅର୍ପଣ୍ କରିଥିଲେ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଓଡ଼ିଶାର୍ ଜନଜାତି ସମାଜ୍‌ର ବିକାଶ୍, ସ୍ୱାଭିମାନ୍ ଲାଗି ସର୍‌କାର୍ ସବୁବେଲେ ପ୍ରତିଶ୍ରୁତିବଦ୍ଧ ବଲି କହିଛନ୍ ।

କେନ୍ଦ୍ରଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ବିର୍ସାମୁଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି ଜନେଇକରି କହିଛନ୍, ସେ ଝନେ ମହାନ୍ ସ୍ୱାଧୀନତା ସଂଗ୍ରାମୀ ଥିଲେ । ଆଦିବାସୀ ଜନଜାତିଙ୍କର୍ ଜଲ୍, ଜଙ୍ଗଲ୍ ଆଉ ଜମି ସୁରକ୍ଷା ଲାଗି ସବୁବେଲେ ତହିଁକ୍ ସାଜ୍‌ବେ ବଲି କହିଛନ୍ ।

ବିର୍ସାମୁଣ୍ଡା ଜୟନ୍ତୀ- ମୁଖ୍ୟମନ୍ତ୍ରୀ I&PR

ବ୍ରିଟିଶ୍ ଶାସନ୍ ବିରୋଧିଥି ଭଗବାନ ବିର୍ସାମୁଣ୍ଡାଙ୍କର୍ ବିପ୍ଳବ୍ ଦେଶର୍ ସ୍ୱାଧୀନତା ସଂଗ୍ରାମ୍ ଇତିହାସ୍‌ଥି ଗୁଟେ ଖାସ୍ ଫରଦ୍ ଜୁଡ଼ିଥିଲା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ରାଉର୍‌କେଲା ନ ହେଇଥିବା ଶହୀଦ୍ ବିର୍ସାମୁଣ୍ଡା ରାଜ୍ୟସ୍ତରୀୟ ଜୟନ୍ତୀ ଆଉ ଜନଜାତୀୟ ଗୌରବ୍ ଦିବସ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଜନଜାତି ସମ୍ପ୍ରଦାୟର୍ ସର୍ବାଙ୍ଗୀନ ବିକାଶ୍ ଲାଗି ରାଜ୍ୟ ସର୍‌କାର୍ ପ୍ରତିଶ୍ରୁତିବଦ୍ଧ ବଲି କହିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ଇ ଅବ୍ସରେ ମୁଖ୍ୟମନ୍ତ୍ରୀ ୧ ହଜାର୍ ୩ ଶହ ୪୫ କୋଟି ଟଙ୍କାର୍ ଭିନ୍ ଭିନ୍ ପ୍ରକଳ୍ପର୍ ଉଦ୍ଘାଟନ୍ କର୍ବାର୍ ସହେତେ ୬ ଶହ ୯ କୋଟି ଟଙ୍କାର୍ ବହୁତ୍ଟେ ପ୍ରକଳ୍ପର୍ ଭିତିପ୍ରସ୍ତର୍ ଥାପ୍ନା କରିଛନ୍ । ବିର୍ସାମୁଣ୍ଡା ଜୟନ୍ତୀ ଅବ୍ସରେ ଆଏଜ୍ ରାଉର୍କେଲା ହନୁମାନ୍ ବାଟିକା ଛକ୍ନୁ ପାୱାର୍ ହାଉସ୍ ଛକ୍କେ ଭଗବାନ୍ ବିର୍ସାମୁଣ୍ଡାଙ୍କର୍ ନାଁଥି ମୁଖ୍ୟମନ୍ତ୍ରୀ ନାମିତ କରିଛନ୍ ।

ଜନଜାତୀୟ ଗୌରବ୍ ଦିବସ ଦେବ୍ଗଡ୍/ କଲାହାଣ୍ଡି

ଦେବ୍ଗଡ୍ ଜିଲ୍ଲା ପ୍ରଶାସନ୍ର ବରିଷ୍ଠ ଅଧିକାରୀମାନ୍କର୍ ଉପସ୍ଥିତିଥି ସହର୍ ନ ଥିବା ବିର୍ସାମୁଣ୍ଡାଙ୍କର୍ ପ୍ରତିମୂର୍ତିଥି ମାଲ୍ୟାର୍ପଣ୍ କରାଯାଇଥିଲା । ତାର୍ ଉତ୍ରୁ ଦେବ୍ଗଡ୍ ମହାବିଦ୍ୟାଳୟ ନ ହେଇଥିବା ଜନଜାତୀୟ ଗୌରବ୍ ଦିବସ୍ ସମାରୋହଥି ବିଧାୟକ୍ ରୋମାଂଚ ରଞ୍ଜନ୍ ବିଶ୍ୱାଲ୍ ଯୋଗ୍ ଦେଇଥିଲେ ।

ସେନ୍ତା କଲାହାଣ୍ଡି ଜିଲ୍ଲା ଭବାନୀପାଟ୍ନା ଟାଉନ୍ ହଲ୍ ନ ଆଦିବାସୀ ଉନ୍ନୟନ୍ ସଂସ୍ଥା ତର୍ଫୁ ଜିଲ୍ଲାସ୍ତରୀୟ ଜନଜାତୀୟ ଗୌରବ୍ ଦିବସ୍ ପାଳିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍ଥି ଲୋକ୍ସଭା ସାଂସଦ୍ ମାଳବିକା ଦେବୀ ମୁଖ୍ୟଅତିଥି ଭାବେ

ଯୋଗ୍ ଦେଇଥିଲେ । ଇ ଅବ୍ସରେ ଅତିଥି ମାନେ ଭଗବାନ୍ ବିର୍ସାମୁଣ୍ଡାଙ୍କର୍ ଗୌରବ ଗାଥାର୍ ସ୍ମୃତିଚାରଣ୍ କରିଥିଲେ ।

ରାଜସ୍ୱ ଆୟୁକ୍ତ କର୍ମଶାଳା      ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍ପୁର୍ ନ ରାଜସ୍ୱ ଆୟୁକ୍ତ ମାନ୍କର୍ ଦୁଇ ଦିନିଆ ସମ୍ମିଲନୀ ଆଉ କର୍ମଶାଳା ଆଏଜ୍ ଉଦ୍ଘାଟିତ୍ ହେଇଯାଇଛେ । କର୍ମଶାଳାଥି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । ବିଭାଗ୍ର ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଦେଓରଞ୍ଜନ୍ ସିଂ, ଉତରାଂଚଲ ରାଜସ୍ୱ ଆୟୁକ୍ତ ସଚିନ୍ ରାମଚନ୍ଦ୍ର ଯାଦବ୍ ପ୍ରମୁଖ ମଂଚାସୀନ ଥିଲେ ।  ଇ ଅବ୍ସରେ ଅଧିଗ୍ରହଣ ପୁନର୍ବାସ୍ ଥଇଥାନ୍, ଜମି ପଞ୍ଜିକରଣ, ରାଜସ୍ୱ ଜଙ୍ଗଲ ଜମି ଅଧିକାର୍ ଆଇନ୍ ବାବ୍ଦେ ଅଧିକାରୀମାନ୍କୁ ତାଲିମ୍ ଦିଆଯାଉଛେ । ସ୍ୱଚ୍ଛତାର୍ ସହେତେ କାମ୍ କରିକରି ଲୁକ୍କୁ ଭଲ୍ ବେଭାର୍ ଦେଖାବାର୍କେ ଇ ଅବ୍ସରେ ରାଜସ୍ୱମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ ।

(ଭଏସ୍ ଓଭର୍- ରାଜସ୍ୱ ମନ୍ତ୍ରୀ)

କର୍ମଶାଳାଥି ସମ୍ବଲ୍ପୁର୍ ଆର୍ଡିସି ଅଧୀନ୍ଥି ଥିବା ୧୨ ଟା ଜିଲ୍ଲାନୁ ୯ ଝନ୍ ଜିଲ୍ଲାପାଳ୍, ସବୁ ଅତିରିକ୍ତ ଜିଲ୍ଲାପାଳ୍ ଆର୍ ତହସିଲ୍ଦାର୍ ମାନେ ସାମିଲ୍ ହେଇଛନ୍ ।

ନର୍ସିଂ ଅଧିକାରୀ ପଦ୍ ସୃଷ୍ଟି I&PR

ରାଜ୍ୟ ସର୍କାର୍ ସ୍ୱାସ୍ଥ୍ୟସେବାକେ ଅଏତ୍କା ସରଲ୍, ଶୃଙ୍ଖଲିତ୍ ଆଉ ଲୋକାଭିମୁଖୀ କର୍ବାର୍ ଲାଗି ୪ ହଜାର୍ ୪ ଶହ ୩୩ ଟା ନୂଆଁ ନର୍ସିଂ ଅଧିକାରୀ ପଦ୍ ସୃଷ୍ଟି କରିଛନ୍ । ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ଙ୍କର୍ ଅନୁମୋଦନ୍ ଓଡ଼ିଶା ନର୍ସିଂ କେଡ଼ର୍‌ର ଇ ପଦ ମାନ୍‌କୁ ସୃଷ୍ଟି କରାଯାଇଛେ । ଇ ଅଧିକାରୀମାନେ ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିର୍ ଉପସ୍ୱାସ୍ଥ୍ୟକେନ୍ଦ୍ରମାନ୍‌କେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଭାବେ କାମ୍ କର୍ବେ । ଇ ପଦକ୍ଷେପ୍ ରାଜ୍ୟର୍ ସ୍ୱାସ୍ଥ୍ୟ ପରିବେଶ୍‌କେ ଆଏବା ଦିନେ ଆହୁରି ବର୍କସ୍ କର୍ବା ବଲି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମହାଲିଙ୍ଗ୍ କହିଛନ୍ ।

ଇକୋ ରିଟ୍ରିଟ୍ I&PR

ରାଜ୍ୟର୍ ୬ ଟା ଜାଗା ନ ଆଏଜ୍‌ଠାନୁ ଇକୋ ରିଟ୍ରିଟ୍ ମୁଲ୍ ହେଇଛେ । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଭାସୀ ଜରିଏ ହୀରାକୁଦ୍, ଭିତର୍‌କନିକା, ସୋନପୁର୍, ପୁଟ୍‌ସିଲ୍, ଦାରିଙ୍ଗ୍‌ବାଡ଼ି, ସାତକୋଶିଆ ନ ଇତାର୍ ଉଦ୍‌ଘାଟନ୍ କରିଛନ୍ । ଶାନ୍ତ, ପ୍ରାକୃତିକ୍ ଆଉ ସ୍ଥାନୀୟ ଇଲାକାର୍ ଖାଏବାର୍ ଦରବ୍

ମଜା ନେବାର୍ ଲାଗି ପର୍ଯ୍ୟଟକମାନ୍‌କୁ ଇ ଅବ୍‌ସରେ ଶ୍ରୀମତୀ ପରିଡ଼ା କହିଛନ୍ ।

ସମ୍ବଲ୍‌ପୁର୍ ବଲ୍‌ବସ୍‌ପୁର୍ ନ ଇକୋରିଟ୍ରିଟ୍‌ର ଉଦ୍‌ଘାଟନୀ କାର୍ଯ୍ୟକ୍ରମ୍‌ଥି ଆଘର୍ ବିଧାୟକ୍ ନାଉରୀ ନାଏକ୍‌ଙ୍କର୍ ସହେତେ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ୍ ଥିଲେ । ଇ ବଛର୍ ଇକୋ ରିଟ୍ରିଟ୍‌ଥି ୨୫ ଟା କଟେଜ୍ କରାଯାଇଛେ ଆଉ ଦାମ୍ ଭିଲ୍ କମ୍ ରହିଛେ ବଲି ଅତିରିକ୍ତ ଜିଲ୍ଲାପାଲ୍ ଅଶୋକ୍ ଭୋଇ କହିଛନ୍ ।

ଓଟିଇଟି -୨୦୨୫ ପରୀକ୍ଷାଫଲ୍ ହି.ସ.

ମାଧମିକ ଶିକ୍ଷା ପରିଷଦ୍ ତର୍‌ଫୁ ହେଉଥିବା ଓଡ଼ିଶା ଶିକ୍ଷକ୍ ଯୋଗ୍ୟତା ପରୀକ୍ଷା- ଓଟିଇଟି -୨୦୨୫ ପରୀକ୍ଷାଫଲ୍ ଆଏଜ୍ ବାହାରିଛେ । ଇଥର ୭୫ ହଜାର୍ ୪ ଶହ ୩ ଝନ୍ ପରୀକ୍ଷା ଦେଇଥିଲା ବେଲେ ୪୮ ହଜାର୍ ଶହେ ୫୩ ଝନ୍ ପାସ୍ କରିଛନ୍ । ପରୀକ୍ଷାର୍ଥୀମାନେ ମାଧମିକ ଶିକ୍ଷା ପରିଷଦ୍‌ର ୱେବ୍‌ସାଇଟ୍ bseodisha.ac.in ଥି ପରୀକ୍ଷାଫଲ୍ ପାଇପାର୍‌ବେ । ପାସ୍ କରିଥିବା ପ୍ରାର୍ଥୀମାନେ ଆଏଜ୍‌ଠାନୁ ଆଏବା ବଛର୍ ଜାନୁଆରୀ ୧୫ ତାରିଖ୍‌ତକ୍ ଅନ୍‌ଲାଇନ୍ ଜରିଏ ଫିସ୍ ଦେଇକରି ଡିଜିଟାଲ୍ ପ୍ରମାଣ୍‌ପତ୍ର ଡାଉନ୍‌ଲୋଡ୍ କରିପାର୍‌ବେ ।

ବନ୍ଦର- ତଟରକ୍ଷୀ ବାହିନୀ ଏକ୍ସ

ରାଜ୍ୟର୍ ସବୁ ବନ୍ଦର୍ ନ ତଟରକ୍ଷୀ ବାହିନୀ କେ ମୁତୟନ୍ କରାଯିବା ବଲି ତଟରକ୍ଷୀ ବାହିନୀ ମହାନିର୍ଦ୍ଦେଶକ ଇକ୍‌ବାଲ୍ ସିଂ ଚୌହାନ୍ ସୂଚ୍‌ନା ଦେଇଛନ୍ । ଶ୍ରୀ ଚୌହାନ୍ କହିଛନ୍, ରାଜ୍ୟର୍ ପାରାଦୀପ୍ ନ ବାହିନୀର୍ ଜାହାଜ୍ ସଂଖ୍ୟା ବଢ଼ାଯିବା । ଗୋପାଲ୍‌ପୁର୍ ବନ୍ଦର୍ ନ ଭିଲ୍ ସୁରକ୍ଷା ବାହିନୀର୍ ଜାହାଜ୍ ମୁତୟନ୍ କରାଯିବା । ଗୋପାଲ୍‌ପୁର୍ ଆଉ ଧାମ୍‌ରା ବନ୍ଦର୍ ନ ଜେଟି ଆଉ କୋଷ୍ଟଗାର୍ଡ଼ ଶାଖା ଖୁଲାଯିବା । ସେନ୍ତା ଧାମ୍‌ରା ବନ୍ଦର୍ ନ ଡ୍ରୋନ୍ ୟୁନିଟ୍ ଖୁଲାଯିବା । ଇ ବାବ୍‌ଦେ ତଟରକ୍ଷୀ ବାହିନୀ ତର୍‌ଫୁ ମୁଖ୍ୟମନ୍ତ୍ରୀଙ୍କୁ ପ୍ରସ୍ତାବ୍ ଦିଆଯାଇଛେ ବଲି ଶ୍ରୀ ସିଂ କହିଛନ୍ ।

ନୂଆପଡ଼ା ଉପନିର୍ବାଚନ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ନୂଆପଡ଼ା ବିଧାନ୍‌ସଭା ଉପନିର୍ବାଚନ୍‌ଥି ଜିତ୍‌ବାର୍ ଉତ୍‌ରୁ ବିଜେପି ପ୍ରାର୍ଥୀ ଜୟ ଢୋଲ୍‌କିଆ ଆଏଜ୍ ଭୁବ୍‌ନେଶ୍ୱର୍ ଦଲୀୟ କାର୍ଯ୍ୟାଲୟକେ ପୁହୁଁଚିଛନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ତାଙ୍କୁ ସ୍ୱାଗତ୍ କରିକରି ଶ୍ରୀ ଢୋଲ୍‌କିଆ ନୂଆପଡ଼ାର୍ ବିକାଶର ସାରଥୀ ହେବେ

ବଲି କହିଛନ୍ । ନିର୍ବାଚନ୍ ଜିତ୍‌ବାର୍‌ନୁ ଶ୍ରୀ ଢୋଲ୍‌କିଆ ରାଜ୍ୟସଭାପତି ଆଉ ଦଲର୍ କର୍ମକର୍ତାମାନ୍‌କୁ ଧନ୍ୟବାଦ୍ ଜନେଇଛନ୍ ।

ଏକତା ପଦଯାତ୍ରା ବୌଦ୍ଧ ସମ୍ବାଦଦାତା

ଲୌହମାନବ ସର୍ଦ୍ଦାର ବଲ୍ଲଭ୍ ଭାଇ ପଟେଲ୍‌ଙ୍କର୍ ଜୟନ୍ତୀ ବଛର୍ ଅବ୍‌ସରେ ଆଏବା ୧୮ ତାରିଖ୍ ଦିନ ବୌଦ୍ଧ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଗୁଟେ ଏକତା ପଦଯାତ୍ରା ହେବା । ପଦଯାତ୍ରାକେ ନେଇକରି ଆଏଜ୍ ଜିଲ୍ଲାପାଲ୍ ବିଭୂତି ଭୂଷଣ୍ ନାୟକଙ୍କର୍ ଅଧ୍ୟକ୍ଷତାଥି ଗୁଟେ ପ୍ରସ୍ତୁତି ବୈଠକ୍ ହେଇଛେ । ବୈଠକ୍‌ର ସୂଚ୍‌ନା ଅନ୍‌ସାରେ ୧୮ ତାରିଖ୍ ସଖାଲର୍ ୭ ବଜେ ଏକତା ପଦଯାତ୍ରା ସହରର୍ ଭୈରବୀ ମନ୍ଦିର୍‌ନୁ ବାହାରିକରି ମହାନଦୀ ବ୍ରିଜ୍ ଛକ୍ ତକ୍ ଯିବା ।

ଆର୍ଥିକ ସେବା ସଂଚୟ ଶିବିର ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ଆର୍ଥିକ ସେବା ଆଉ ସଂଚୟ ବିଭାଗ୍ ତର୍‌ଫୁ ସାଂପୋଚ୍ ଗାଁ ନ ଡାକମେଲା ଆଉ ଆର୍ଥିକ ସାକ୍ଷରତା ଶିବିର୍ ହେଇଯାଇଛେ । ଶିବିର୍‌ଥି ଅତିଥି ମାନେ ପୋଷ୍ଟ ପେମେଂଟ୍ ଜରିଏ ଦିଆଯାଉଥିବା ଭିନ୍ ଭିନ୍ ସେବା

ବାବ୍‌ଦେ ବୁଝେଇଥିଲେ । ଇତାର୍‌ସହେତେ ସାଇବର୍ ଠକେଇକେ ନେଇକରି ଲୁକ୍‌କୁ ସଚେତନ୍ କରିଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟକେ ଉତର୍ ଦିଗୁ ସୁଖା ପବନ୍ ଆସୁଥିବାର୍‌ନୁ ଭିନ୍ ଭିନ୍ ଜାଗା ନ ରାତିର୍ ତାପମାତ୍ରା ୩/୪ ଡିଗ୍ରୀ ତକ୍ କମିଛେ । ଆଏବା ୨ ଦିନ୍ ତକ୍ ପାଗ୍ ଏନ୍ତା ରହେବା । ତାର୍ ଉତ୍‌ରୁ ୨ ନୁ ୩ ଡିଗ୍ରୀ ତକ୍ ତାପମାତ୍ରା ବଢ଼୍‌ବାର୍ ସହେତେ ଶୀତ୍ ସାମାଏନ୍ କମ୍‌ବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ରାଜ୍ୟର ବଡ଼ଭାଗୀ ଜାଗା ନ ରାତିର୍ ତାପମାତ୍ରା ୧୫ ଡିଗ୍ରୀ ତଲେ ରହିଛେ । ଆଏବା ୨୪ ଘଂଟା ଭିତ୍‌ରେ ଝାର୍‌ସୁଗୁଡ଼ା, ସୁନ୍ଦର୍‌ଗଡ଼୍ ଆଉ କନ୍ଧମାଲ୍ ନ ଜବର୍ ଥଣ୍ଡା ହେବା ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।